ସଂପ୍ରସାରଣ ପୁସ୍ତିକା:

## ବୈଜ୍ଞାନିକ ପଦ୍ଧତିରେ

# ରାଶି ଚାଷ




ଲେଖକ ଓ ସମ୍ପାଦକ

**ଶ୍ରୀ ତୀର୍ଯ୍ୟକ କୁମାର ସାମନ୍ତ**

ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)



## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର-୩

**ଲେଖକ ଓ ସମ୍ପାଦକ**
ଶ୍ରୀ ତୀର୍ଯ୍ୟକ କୁମାର ସାମନ୍ତ
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ପ୍ରକାଶକ**
କାର୍ଯ୍ୟକ୍ରମ ସଂଯୋଜକ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

**ମୁଦ୍ରଣ:**
ଓଁ ମା ପ୍ରିଣ୍ଟର୍ସ, ଅନୁଗୋଳ
ମୋ: ୯୮୬୧୦୮୮୧୬୯

# ବୈଜ୍ଞାନିକ ପଦ୍ଧତିରେ ରାଶି ଚାଷ

ରାଶି ଅନୁଗୋଳ ଜିଲ୍ଲାର ଏକ ମୁଖ୍ୟ ତେଲବୀଜ ଫସଲ । ଜିଲ୍ଲାରେ ଚାଷ କରାଯାଉଥିବା ତେଲବୀଜ ଫସଲମାନଙ୍କ ମଧ୍ୟରେ ରାଶିର ସ୍ଥାନ ପ୍ରଥମ ଓ ଏହା ଜିଲ୍ଲାର ତେଲବୀଜ ଜାତୀୟ ଫସଲ ଚାଷ ଜମିର ଶତକଡ଼ା ୭୩ ଭାଗ ଜମିରେ ଚାଷ କରାଯାଇଥାଏ । ଜିଲ୍ଲାରେ ହାରାହାରୀ ୪୨୮୦୮ ହେକ୍ଟର ଜମିରେ ରାଶି ଚାଷ କରାଯାଇଥାଏ, ଯେଉଁଥିରୁ କି ହେକ୍ଟର ପ୍ରତି ୩.୮୮ କ୍ୱିଣ୍ଟାଲ ଅମଳ ହୋଇଥାଏ । ରାଶି ଚାଷର ସ୍ୱଳ୍ପ ଉତ୍ପାଦନର ମୁଖ୍ୟ କାରଣ ଗୁଡ଼ିକ ହେଲା :

୧. ଉନ୍ନତ ମାନର ବିହନ କିସମର ଅଭାବ ।

୨. ଉନ୍ନତ ପ୍ରୟୋଗ ବିଧି ଓ ବୈଷୟିକ ଜ୍ଞାନ ବିଷୟରେ ଅଜ୍ଞତା ।

୩. ଏକ ନିରସା ଜମିର ଫସଲ ହିସାବରେ ବିନା ପାଣି ଓ ବିନା ସାର ପ୍ରୟୋଗରେ ରାଶି ଚାଷ ।

୪. ସମୟ ଅନୁଯାୟୀ ଉପଯୁକ୍ତ ଶସ୍ୟ ସଂରକ୍ଷଣ ବ୍ୟବସ୍ଥାର ଅଭାବ ।

୫. ବ୍ୟବସାୟିକ ରୁଗ୍ଣତା ।

ତେଣୁ ଅଧିକ ଅମଳକ୍ଷମ ବିହନ ବ୍ୟବହାର ସହ ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କଲେ ରାଶି ଚାଷରୁ ଆଶାନୁରୂପ ଅମଳ ଓ ଲାଭ ମିଳିପାରିବ ।

**ଜଳବାୟୁ -** ରାଶି ଗୋଟିଏ ଉଷ୍ଣମଣ୍ଡଳୀୟ ଫସଲ । ଯଦି ଜମିର ପ୍ରକାର,ମୃତ୍ତିକା ଗଠନ ଏବଂ ଜଳସେଚନ ସୁବିଧା ଥାଏ ଏହା ବର୍ଷସାରା ଚାଷ କରାଯାଇପାରିବ । ସାଧାରଣତଃ "ଭୋଦେଇ" ରାଶି ବର୍ଷା ଦିନେ, 'ମାଘୀ' ରାଶି ଶୀତ ଦିନରେ ଏବଂ "ନିର୍ଲ୍ଲଜି" , ରାଶି ଖରାଦିନେ ବୁଣା ଯାଇଥାଏ । ଏହାର ମରୁଡ଼ି ସହଣୀ ଶକ୍ତି ଅଧିକ । ରାଶିର ବୃଦ୍ଧି ଅବସ୍ଥାରେ ଉଷ୍ମ ଜଳବାୟୁ ଆବଶ୍ୟକ । ୨୫ ରୁ ୨୭ ଡ଼ିଗ୍ରୀ ସେଲସିୟସ ଉତ୍ତାପରେ ଭଲ ଗଜା ହୁଏ, ଗଛ ବଢିଥାଏ ଓ ଫୁଲ ଭଲ ହୋଇଥାଏ । ଉତ୍ତାପ କମ୍ ରହିଲେ ଫୁଲ ପରିପକ୍ୱ ନ ହେଉଣୁ ଝଡ଼ିପଡ଼େ । ଜମିରେ ପାଣି ଜମି ରହିଲେ, କ୍ରମାଗତ ଭାବେ ପାଗ ଆର୍ଦ୍ର ରହିଲେ କିମ୍ବା କୁହୁଡ଼ି ଓ କାକରରେ ଫସଲର ଯଥେଷ୍ଟ କ୍ଷତି ହୋଇଥାଏ ।

**ମୃତ୍ତିକା -** ନିଗିଡା, ଢିପ ବାଲି ଦୋରସା ମାଟି ରାଶି ଚାଷ ପାଇଁ ଉପଯୁକ୍ତ । ଅତି ବାଲିଆ,ମଟାଳିଆ, ଲୁଣି, କ୍ଷାରୀ ଓ ଅମ୍ଳ ମାଟିରେ ରାଶି ଭଲ ହୁଏ ନାହିଁ । ମାଟିର ଅମ୍ଳତା ୫.୫ ରୁ ୮.୦ ମଧ୍ୟରେ ରହିବା ଉଚିତ । ମୃତ୍ତିକାରେ ଯଥେଷ୍ଟ ଜଳୀୟ ଅଂଶ ରହିବା ଉଚିତ ।

**ଜମି ପ୍ରସ୍ତୁତି –** ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ମାଟି ଭଲ ଭାବରେ ଗୁଣ୍ଡ ହେବା ଦରକାର । ଜମିକୁ ଟ୍ରାକ୍ଟର କିମ୍ବା ଦେଶୀ ଲଙ୍ଗଳରେ ୩-୪ ଓଡ଼ ଚାଷ କରି ମଇ ଦେଇ ମାଟିକୁ ଗୁଣ୍ଡ ଓ ସମତଳ କରି ରଖିବା ଉଚିତ । ବର୍ଷା ଦିନେ ପାଣି ନିଗିଡ଼ିଯିବା ପାଇଁ ଗହୀରିଆ ନାଳି କାଟିବା ଦରକାର । କାରଣ ଜମିରେ ପାଣି ଜମି ରହିଲେ ଗଛମୂଳ ପଚିଯାଏ ଓ ଗଛ ବଢିପାରେ ନାହିଁ । ସେହିପରି ଶୀତ ଓ ଖରାଦିନିଆ ରାଶି ପାଇଁ ପୂର୍ବ ଫସଲର ସମସ୍ତ ଅଂଶାବଶେଷକୁ ନଷ୍ଟ କରି ମାଟିକୁ ସମତଳ କରିବା ଉଚିତ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧା ହୋଇଥାଏ । ଶେଷ ଓଡ଼ ଚାଷ ସମୟରେ ସମସ୍ତ ଖତ ଓ ଆବଶ୍ୟକୀୟ ସାର ପ୍ରୟୋଗ କରାଯାଏ ।

**ବିହନ ପରିମାଣ –** ଧାଡ଼ି ବୁଣାରେ ହେକ୍ଟର ପ୍ରତି ୫ ରୁ ୭ କି.ଗ୍ରା. ବିହନ ଓ ଛଟାବୁଣାରେ ହେକ୍ଟର ପ୍ରତି ୧୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ ।

**ବିହନ ବିଶୋଧନ –** ବିହନ ବୁଣିବାର ୨ ଦିନ ପୂର୍ବରୁ ୧କି.ଗ୍ରା. ବିହନକୁ ୨ଗ୍ରାମ ବାଭିଷ୍ଟିନ ବା ୩ ଗ୍ରାମ ଥିରାମ ବା ୫ଗ୍ରାମ ଟ୍ରାଇକୋଡ଼ର୍ମା ଭିରିଡ଼େ ଗୋଳାଇ ବିଶୋଧନ କଲେ ପରବର୍ତ୍ତୀ ଅବସ୍ଥାରେ ରୋଗ ସଂକ୍ରମଣର ଆଶଙ୍କା କମି ଯାଇଥାଏ ।

**ବୁଣିବା ସମୟ –**

ବର୍ଷା ଋତୁ : ଜୁନ୍ ମଧ୍ୟଭାଗରୁ ଜୁଲାଇ ମଧ୍ୟ ଭାଗ

ଶୀତ ଋତୁ : ସେପ୍ଟେମ୍ବର ରୁ ଅକ୍ଟୋବର

ଗ୍ରୀଷ୍ମ ଋତୁ : ଫେବୃଆରୀ ୩ୟ ସପ୍ତାହ ଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ

**ବୁଣିବା ପ୍ରଣାଳୀ –**

ରାଶି ମଞ୍ଜି ଛୋଟଥିବାରୁ ବେଶୀ ଗଭୀରରେ ବୁଣିଲେ ଗଜା ହେବା ସମ୍ଭାବନା କମ୍ ଥାଏ । ତେଣୁ ୨ ସେ.ମି. ଗଭୀରରେ ବୁଣାଯାଏ । ବୁଣିବା ବେଳେ କିଛି ଶୁଖିଲା ମାଟି ବା ବାଲି କିମ୍ବା ଶୁଖିଲା ଗୋବର ଖତ ସହିତ ମିଶାଇ କିଆରୀରେ ବୁଣା ଯାଇଥାଏ । ଧାଡ଼ିରେ ବୁଣିଲେ ଅନ୍ତଃ ଚାଷ ସହଜରେ କରିହୁଏ ଓ ଜମିରେ ଗଛ ସଂଖ୍ୟା ଠିକ୍ ରଖିବା ସମ୍ଭବ ହୁଏ । ତେଣୁ ବିହନ ବୁଣିବା ପାଇଁ ମଞ୍ଜିବୁଣା ଯନ୍ତ୍ର ବ୍ୟବହାର କରିବା ଉଚିତ୍ କିମ୍ବା ଦେଶୀ ଲଙ୍ଗଳ ପଛରେ ସିଆରରେ ଉପଯୁକ୍ତ ବ୍ୟବଧାନରେ ମଞ୍ଜି ପକାଇବା ଉଚିତ୍ । ବୁଣିବାର ୪-୫ ଦିନ ପରେ ଗଜା ଉଠି ନ ଥିବା ସ୍ଥାନରେ ମଞ୍ଜି ବୁଣାଯାଏ । ଫସଲକୁ ୭-୧୦ ଦିନ

ହୋଇଗଲେ ଆବଶ୍ୟକ ସଂଖ୍ୟାରେ ଗଛ ରଖି ଅବଶିଷ୍ଟ ଗଛ ଉପାଡ଼ି ପତଳା କରିଦେବା ଉଚିତ । ଖରାଦିନିଆ ରାଶିକୁ ଧାଡ଼ିକୁ ଧାଡ଼ି ୨୫ ରୁ ୩୦ ସେ.ମି. ଓ ବର୍ଷାଦିନିଆ ରାଶିକୁ ୩୦ ରୁ ୪୦ ସେ.ମି. ଦୂରରେ ବୁଣାଗଲେ ଅମଳ ସୁବିଧାଜନକ ହୋଇଥାଏ । ଧାଡ଼ି ମଧ୍ୟରେ ଗଛକୁ ଗଛ ପ୍ରାୟ ୧୦ ସେ.ମି. ଦୂରତା ରଖାଯାଇଥାଏ ।

**ଅନୁଗୁଳ ଜିଲ୍ଲାରେ ବ୍ଲକ୍ ଅନୁଯାୟୀ ରାଶି ଫସଲର ଚାଷ ଜମି ଆୟତନ (ହେକ୍ଟରରେ)**

**ସାରଣୀ-୧**

| **ବ୍ଲକ/ବର୍ଷ** | **୨୦୦୭-୦୮** | **୦୮-୦୯** | **୦୯-୧୦** | **୧୦-୧୧** | **୧୧-୧୨** |
|---|---|---|---|---|---|
| ଅନୁଗୋଳ | ୩୫୧୦ | ୨୭୪୦ | ୩୦୦୮ | ୩୦୩୨ | ୨୯୨୦ |
| ବଁଅରପାଳ | ୧୭୮୨ | ୧୯୪୯ | ୧୫୮୮ | ୧୬୧୬ | ୨୨୯୪ |
| ଛେଣ୍ଡିପଦା | ୮୪୫୫ | ୭୪୩୨ | ୭୫୮୭ | ୭୭୩୮ | ୭୩୧୯ |
| ଆଠମଲ୍ଲିକ | ୭୬୪୫ | ୭୪୨୩ | ୭୩୩୦ | ୭୭୩୮ | ୬୯୫୮ |
| କିଶୋରନଗର | ୮୦୮୫ | ୭୨୯୦ | ୨୩୭୯ | ୬୭୭୮ | ୬୮୮୭ |
| ତାଳଚେର | ୩୧୦୫ | ୨୩୪୫ | ୨୩୬୫ | ୨୩୯୦ | ୧୩୪୦ |
| କଣିହାଁ | ୭୧୬୦ | ୬୫୭୧ | ୬୪୮୭ | ୬୬୩୨ | ୬୫୨୫ |
| ପାଲଲହଡ଼ା | ୪୮୭୫ | ୬୦୦୦ | ୬୦୦୪ | ୬୧୪୯ | ୬୧୧୫ |
| **ମୋଟ** | **୪୭୧୯୨** | **୪୧୮୦୦** | **୪୧୬୧୬** | **୪୨୦୭୩** | **୪୧୩୫୮** |

**ଉତ୍ସ : ଜିଲ୍ଲା କୃଷି କାର୍ଯ୍ୟାଳୟ, ଅନୁଗୋଳ**

**ଅନୁଗୋଳ ଜିଲ୍ଲାରେ ବ୍ଲକ ଅନୁଯାୟୀ ରାଶି ଫସଲର ଉତ୍ପାଦନ ହାର (କ୍ୱିଣ୍ଟାଲ/ହେକ୍ଟର)**

**ସାରଣୀ-୨**

| ବ୍ଲକ/ବର୍ଷ | ୨୦୦୭-୦୮ | ୦୮-୦୯ | ୦୯-୧୦ | ୧୦-୧୧ | ୧୧-୧୨ |
|---|---|---|---|---|---|
| ଅନୁଗୋଳ | ୪.୦୦ | ୩.୫୪ | ୩.୬୦ | ୩.୯୬ | ୪.୬୦ |
| ବଣ୍ଟାଁରପାଳ | ୩.୮୧ | ୩.୬୩ | ୩.୪୩ | ୩.୮୨ | ୫.୧୧ |
| ଛେଣ୍ଡିପଦା | ୪.୧୦ | ୩.୯୨ | ୩.୬୧ | ୩.୮୦ | ୪.୭୦ |
| ଆଠମଲ୍ଲିକ | ୪.୧୦ | ୩.୭୯ | ୩.୭୬ | ୩.୫୪ | ୩.୯୦ |
| କିଶୋରନଗର | ୪.୪୨ | ୩.୬୦ | ୩.୯୩ | ୩.୪୫ | ୪.୦୪ |
| ତାଳଚେର | ୩.୬୬ | ୩.୨୯ | ୩.୧୯ | ୩.୧୮ | ୪.୭୨ |
| କଣିହାଁ | ୪.୦୪ | ୩.୭୫ | ୩.୬୩ | ୩.୭୬ | ୪.୪୯ |
| ପାଲଲହଡ଼ା | ୬.୫୭ | ୩.୮୦ | ୩.୪୫ | ୩.୫୦ | ୪.୫୦ |
| **ମୋଟ୍** | **୪.୧୮** | **୩.୭୦** | **୩.୫୮** | **୩.୬୨** | **୪.୨୯** |

**ଉତ୍ସ : ଜିଲ୍ଲା କୃଷି କାର୍ଯ୍ୟାଳୟ, ଅନୁଗୋଳ**

**ଉନ୍ନତ ବିହନ କିସମ**

ସାଧାରଣତଃ ଦୁଇ କିସମର ରାଶି ଦେଖାଯାଏ ଯଥା : କଳା ରାଶି ଓ ଧଳା ରାଶି । ଧଳା ରାଶି ମଞ୍ଜିରେ କଳା ରାଶି ଅପେକ୍ଷା ତେଲ ଅଂଶ ଅଧିକ ଥାଏ, ଋତୁ ଅନୁସାରେ ଆମ ରାଜ୍ୟ ତଥା ଅନୁଗୋଳ ଜିଲ୍ଲା ପାଇଁ ଅନୁମୋଦିତ କିସମ ଗୁଡ଼ିକର ନାମ ଓ ଏଗୁଡ଼ିକର ବର୍ଣ୍ଣନା ନିମ୍ନରେ ଦିଆଯାଇଛି ।

**ସାରଣୀ – ୩**

| କ୍ରମିକ ନଂ. | କିସମ | ଅବଧି (ଦିନ) | ମଞ୍ଜିର ରଙ୍ଗ | ତେଲ (%) | ଅମଳ (କ୍ୱି/ହେକ୍ଟର) | ଗଛର ଉଚ୍ଚତା (ସେ.ମି.) | ବିଶେଷ ଗୁଣ |
|---|---|---|---|---|---|---|---|
| ୧. | ବିନାୟକ (୧୯୭୨) | ଖରିଫ- ୮୫-୯୦ ରବି- ୮୦-୮୫ | ପିଙ୍ଗଳ | ୪୮.୫ | ୬.୦ | ୧୨୦ | ଛୁଇଁ ମସୃଣ, କାଣ୍ଡ ସଢ଼ା ରୋଗ ସହଣୀ |
| ୨. | କନକ (୧୯୭୯) | ଖରିଫ- ୮୫-୯୦ ରବି ୮୦-୮୫ | ଧୂସର | ୪୭.୦ | ୮.୦ | ୯୫ | ଛୁଇଁ ଅଳ୍ପ ଲୋମଶ |

| | | | | | | | |
|---|---|---|---|---|---|---|---|
| ୩. | କାଳିକା (୧୯୮୦) | ଖରିଫ ୯୦-୯୫ ରବି ୮୦-୮୫ | ପିଙ୍ଗଳ | ୪୮.୭ | ୭.୦ | ୧୩୦-୧୩୫ | ବଡ଼ ମଞ୍ଜି, କ୍ଷୁଇଁ ମସୃଣ, ପତ୍ର ଦାଗ ରୋଗ ସହଣୀ |
| ୪. | ଉମା (୧୯୯୦) | ଖରିଫ- ୭୫-୮୦ ରବି ୬୫-୭୦ | ଈଷତ୍ ପିଙ୍ଗଳ | ୫୩-୧ | ୧୦.୦ | ୧୦୦-୧୧୦ | ଛୋଟ ମଞ୍ଜି, ପତଳା ଚୋପା, କ୍ଷୁଇଁ ମସୃଣ |
| ୫. | ଉଷା (୧୯୯୦) | ଖରିଫ ୮୫-୯୦ ରବି ୭୫-୮୦ | ଚିକ୍କଣ | ୪୯.୦ | ୧୨.୦ | ୧୩୦ | ବଡ଼ ମଞ୍ଜି, ଲୋମଶ, ଅଧିକାଂଶ ପୋକ ଓ ରୋଗ ସହଣୀ |
| ୬. | ପ୍ରାଚୀ (୨୦୦୨) | ଖରିଫ ୭୫-୮୦ ରବି ୭୦-୭୫ | କଳା | ୪୮.୦ | ୧୨.୦ | ୧୨୦ | ବଡ଼ ମଞ୍ଜି, ଅଧିକାଂଶ ପୋକ ଓ ରୋଗ ସହଣୀ |
| ୭. | ନିର୍ମଳା (୧୯୯୫) | ଖରିଫ ୮୦-୮୫ ରବି ୭୦-୭୫ | ଫିକା ଧଳା | ୪୯.୦ | ୧୦.୦ | ୧୩୦-୧୫୦ | ବଡ଼ ମଞ୍ଜି, କ୍ଷୁଇଁ ସାମାନ୍ୟ ଲୋମଶ, ଗଛ ପାକଳ ଅବସ୍ଥାରେ ସମ୍ପୂର୍ଣ୍ଣ ହଳଦିଆ ଦେଖାଯାଏ, ବ୍ୟାକ୍ଟେରିଆ ଜନିତ ରୋଗ ସହଣୀ |
| ୮. | ଗୁଜୁରାଟ ତିଳ-୧ | ରବି- ୭୫-୮୦ | ଧଳା | ୫୦.୦ | ୧୦.୦ | ୧୩୦ | ବଡ଼ ମଞ୍ଜି |
| ୯. | ଗୁଜୁରାଟ ତିଳ-୨ | ବର୍ଷା- ୮୦-୮୫ | ଧଳା | ୫୦.୦ | ୮.୦ | ୧୨୦ | ବଡ଼ ମଞ୍ଜି |
| ୧୦. | ଅମ୍ରିତ୍ (୨୦୦୪) | ବର୍ଷା- ୭୫-୮୦ ରବି- ୭୦-୭୫ | ଧଳା | ୪୯.୦ | ୧୧.୦ | ୧୦୦-୧୨୦ | ବଡ଼ ଧଳା ଫୁଲ, ବଡ଼ ମଞ୍ଜି, କ୍ଷୁଇଁ ପ୍ରତି ୭୦-୧୦୦ ମଞ୍ଜି |

**ସମନ୍ୱିତ ଖାଦ୍ୟସାର ପରିଚାଳନା :**

ମାଟିର ଉର୍ବରତା ରକ୍ଷା କରି ଅଧିକ ଅମଳ ପାଇବାକୁ ହେଲେ ଶେଷ ଓଡ଼ ଚାଷ ସମୟରେ ହେକ୍ଟର ପ୍ରତି ୫ ଟନ୍ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟକୁ ୫ କି.ଗ୍ରା. ପି.ଏସ୍.ବି.ରେ ଗୋଳାଇ ମାଟିରେ ମିଶାଇ ଦିଆଯାଏ । ଏକ ହେକ୍ଟର ରାଶି ଚାଷ ପାଇଁ ୩୦ କି.ଗ୍ରା. ଯବକ୍ଷାରଜାନ ସାର (୬୫ କି.ଗ୍ରା. ୟୁରିଆ) ୧୫ କି.ଗ୍ରା. ଫସଫରସ ସାର (୩୨ କି.ଗ୍ରା. ଡି.ଏ.ପି.) ଓ ୧୫ କି.ଗ୍ରା. ପଟାସ ସାର (୨୫ କି.ଗ୍ରା. ଏମ୍.ଓ.ପି.) ଆବଶ୍ୟକ ହୋଇଥାଏ । ବୁଣିବା ପୂର୍ବରୁ ମୂଳସାର ହିସାବରେ ସମୁଦାୟ ଫସଫରସ ଓ ପଟାସ ଏବଂ ଅଧା ଯବକ୍ଷାରଜାନ ସାରକୁ ସିଆରରେ ପ୍ରୟୋଗ କରି ମଞ୍ଜି ବୁଣିବା ଦରକାର । ଅବଶିଷ୍ଟ ଅଧା ଯବକ୍ଷାରଜାନ ସାରକୁ ବର୍ଷା ଦିନରେ ୧୫ ଦିନ ବେଳକୁ ପ୍ରଥମ ଅନ୍ତଃଚାଷ ସମୟରେ ଏବଂ ଖରାଦିନ ହୋଇଥିଲେ ୩୦-୩୫ ଦିନ (ଫୁଲ ଆସିବା ସମୟରେ) ପ୍ରୟୋଗ କରାଯାଏ । ଫସଫରସ ସାର ପାଇଁ ଯଦି ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡି.ଏ.ପି. ସାର ବ୍ୟବହାର କରାଯାଏ ଆବଶ୍ୟକୀୟ ଗନ୍ଧକ ସାର ପାଇଁ ଜିପ୍‌ସମ୍ ପ୍ରୟୋଗ କରିବାକୁ ପଡ଼ିଥାଏ । ଏଥିପାଇଁ ମୂଳସାର ସହ ହେକ୍ଟର ପ୍ରତି ୧୫ କି.ଗ୍ରା. ଗନ୍ଧକ (୧୦୦ କି.ଗ୍ରା. ଜିପ୍‌ସମ୍ ସାର) ପ୍ରୟୋଗ କଲେ ମଞ୍ଜିର ତେଲ ଅଂଶ ବୃଦ୍ଧି ପାଇଥାଏ । ମାଟିରେ ଅମ୍ଳ ଅଂଶ ବେଶୀ ଥିଲେ ହେକ୍ଟର ପ୍ରତି ୫ କ୍ୱିଣ୍ଟାଲ କାଗଜ କଳ ମଇଳା ବୁଣିବାର ୩-୪ ସପ୍ତାହ ପୂର୍ବରୁ ପ୍ରୟୋଗ କରିବା ଦ୍ୱାରା ମଞ୍ଜି ଭଲ ହୋଇଥାଏ ।

**ଜୈବ ସାର :** ହେକ୍ଟର ପ୍ରତି ୫୦୦ ଗ୍ରାମ ଆଜୋଟବ୍ୟାକ୍ଟରକୁ ୧.୫ ଲିଟର ପାଣିରେ ମିଶାଇ ତାହାକୁ ମଞ୍ଜିରେ ଗୋଳାଇ ଛାଇରେ ଶୁଖାଇ ବୁଣିଲେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ ମିଳିବା ସମ୍ଭବପର ହୁଏ ।

**ଅଣୁସାର :** ଅଣୁସାର ଭରଣା ପାଇଁ ଜିଙ୍କ୍ ସଲ୍‌ଫେଟ୍ ଓ ମାଙ୍ଗାନିଜ୍ ସଲ୍‌ଫେଟ୍ ଗଛ ବଢ଼ୁଥିବା ଅବସ୍ଥାରେ ଶତକଡ଼ା ୨ ଭାଗ (ଏକ ଲିଟର ପାଣିରେ ୨ ଗ୍ରାମ) ସିଞ୍ଚନ କଲେ ଭଲ ଫସଲ ଆଦାୟ ହୋଇଥାଏ ।

**ସମନ୍ୱିତ ଘାସ ପରିଚାଳନା :**

ରାଶି ଫସଲରେ ଅନାବନା ଘାସ ଦ୍ୱାରା ଅମଳ ଶତକଡ଼ା ୨୦ ରୁ ୪୦ ଭାଗ କମି ଯାଇଥାଏ । ଫସଲର ପ୍ରାରମ୍ଭିକ ଅବସ୍ଥାରେ (୩୦ ଦିନ ପର୍ଯ୍ୟନ୍ତ) ଫସଲକୁ ଘାସମୁକ୍ତ ରଖିଲେ ଏଥିରୁ ଭଲ ଅମଳ ମିଳିଥାଏ । ଏଥିପାଇଁ ବୁଣିବାର ୧୫ ଦିନରେ ଓ ଏହାର ୧୦

ଦିନ ପରେ ଆଉ ଥରେ ଘାସ ବାଛି କୋଡ଼ାଖୋସା କରିଦେବା ଆବଶ୍ୟକ । କିନ୍ତୁ ହାତରେ ଘାସ ବଛା ସମୟ ସାପେକ୍ଷ ଓ ଖର୍ଚ୍ଚ ବହୁଳ ହୋଇଥିବାରୁ ରାସାୟନିକ ତୃଣନାଶକ ଔଷଧ ବ୍ୟବହାର ସହିତ ଯାନ୍ତ୍ରିକ ପ୍ରଣାଳୀରେ ସମନ୍ୱିତ ପ୍ରଣାଳୀରେ ଘାସ ଦମନ କଲେ ଅପେକ୍ଷାକୃତ ଫଳପ୍ରଦ ଘାସ ଦମନ ହୋଇ ପାରିବ । ରାଶି ଫସଲରେ ଜମିରେ ବିଭିନ୍ନ ପ୍ରକାର ଏକ ବୀଜପତ୍ରୀ ଘାସ (ଦୁବ, କଙ୍କଡ଼ା, ସୁଆଁ), ଦ୍ୱିବୀଜ ପତ୍ରୀ ଘାସ (ଲହଙ୍ଗା, ଗାଜର) ଓ ବୁଦା ଜାତୀୟ ଘାସ (ମୁଥା, କୁଆଣିଆ) ଇତ୍ୟାଦି ଦେଖା ଯାଇଥାଏ ।

**ରାସାୟନିକ ପ୍ରଣାଳୀରେ ବ୍ୟବହୃତ ମୁଖ୍ୟ ତୃଣନାଶକ ଔଷଧ :**

**ହଳ ପରେ ଓ ମଞ୍ଜି ବୁଣିବା ପୂର୍ବରୁ**

ଟ୍ରାଇଫ୍ଲୁରାଲିନ୍ (କ୍ଲିଅର୍) ୪୮% ଇ.ସି. ହେକ୍ଟର ପ୍ରତି ୨ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ବୁଣିବାର ଦିନକ ପୂର୍ବରୁ ପ୍ରୟୋଗ କରାଯାଏ ।

**ଘାସ ଗଜା ହେବା ପୂର୍ବରୁ**

ଆଲାକ୍ଲୋର (ଲାସୋ) ବ୍ୟୁଟାକ୍ଲୋର (ମାଚେଟ୍, ଡେଲକ୍ଲୋର) ୫୦% ଇସି ହେକ୍ଟର ପ୍ରତି ୨ ଲିଟର ବୁଣିବାର ଦୁଇଦିନ ମଧ୍ୟରେ ପ୍ରୟୋଗ କଲେ ସମସ୍ତ ପ୍ରକାର ଘାସ ଦମନ ହୋଇଥାଏ ।

ଅକ୍ସିଫ୍ଲୁରୋଫେନ୍ (ଜାରଗନ୍, ଅକ୍ସିଗୋଲ୍ଡ଼, ଗୋଲ) ୨୩.୫% ଇ.ସି. ହେକ୍ଟର ପ୍ରତି ୨୦୦ ମି.ଲି. ବୁଣିବାର ଦୁଇଦିନ ମଧ୍ୟରେ ପ୍ରୟୋଗ କଲେ ଫସଲରେ ସମସ୍ତ ଦ୍ୱିବୀଜ ପତ୍ରୀ ଘାସ ଦମନ ହୋଇଥାଏ ।

**ଘାସ ଗଜା ହେବା ପରେ**

କ୍ୱିଜାଲୋଫପ୍ ଇଥାଇଲ (ଟାଇଗା ସୁପର) ୫% ଇ.ସି. ହେକ୍ଟର ପ୍ରତି ୧ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ବୁଣିବା ୧୫ ରୁ ୨୦ ଦିନ ପରେ ପ୍ରୟୋଗ କଲେ ଫସଲରେ ଥିବା ଏକ ବୀଜ ପତ୍ରୀ ଘାସ ଦମନ ହୋଇଥାଏ । ନଚେତ୍ ଇମାଜିଥାପିର ୭% (ପରସୁଟ୍) ଇ.ସି. ହେକ୍ଟର ପ୍ରତି ୧ ଲିଟର ବୁଣିବାର ୧୨ ରୁ ୧୫ ଦିନ ପରେ ପ୍ରୟୋଗ କଲେ ଘାସ ନିୟନ୍ତ୍ରିତ ହୋଇଥାଏ ।

ଉପରୋକ୍ତ ତୃଣନାଶକ ଔଷଧ ସହିତ ବିଭିନ୍ନ ପ୍ରକାର ଯାନ୍ତ୍ରିକ ପ୍ରଣାଳୀରେ ଯଥା ଫିଙ୍ଗର ଉଇଡର, ସାଇକ୍ଲିକ୍ ଉଇଡ଼ର ଦ୍ୱାରା, ମାଟିକୁ ଆଚ୍ଛାଦିତ କରିବା ଦ୍ୱାରା ଫଳପ୍ରଦ ଘାସ ଦମନ ହୋଇଥାଏ ।

**ଜଳ ପରିଚାଳନା :**

ରାଶି ଫସଲ ପ୍ରାୟ ୨୫୦ ମି.ମି. ଜଳ ଆବଶ୍ୟକ କରିଥାଏ । ବର୍ଷାଦିନିଆ ଫସଲରେ ଜଳସେଚନ ଦରକାର ହୁଏ ନାହିଁ, ଯଦି ବର୍ଷା ଅନେକ ଦିନ ଧରି ଛାଡ଼ିଯାଏ ଓ ଶୁଷ୍କ ଅବସ୍ଥା ଉପୁଯେ ତେବେ ଥରେ ଜଳସେଚନ ପ୍ରୟୋଗ କଲେ ଭଲ ଅମଳ ହୋଇଥାଏ । ଅଧିକ ବର୍ଷା ହେଲେ ଯେପରି ଗଛ ମୂଳରେ ପାଣି ଜମି ନ ରୁହେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼େ । ଶୀତ ଦିନିଆ (ମାଘୀ ରାଶି) ଓ ଖରାଦିନିଆ ରାଶି (ନିର୍ଲ୍ଲଜି ରାଶି) ଫସଲ ଜଳ ସେଚନ ଆବଶ୍ୟକ କରିଥାଏ । ଖରାଦିନିଆ ରାଶି ଦରକାର ଅନୁଯାୟୀ ୨-୩ ଥର ଜଳସେଚନ ଦରକାର କରିଥାଏ ।ଶୀତଦିନିଆ ରାଶି ବୁଣାଯିବା ବେଳେ ଜମିରେ ବତର ଥିବା ଆବଶ୍ୟକ । ରାଶି ଫସଲରେ ସାଧାରଣତଃ ଜଳସେଚନ ଦେବାର ସଙ୍କଟକାଳୀନ ଅବସ୍ଥା ହେଉଛି ଫୁଲ ଆସିବା ସମୟ ଓ ଫଳ ଧରିବା ଅବସ୍ଥା ।

**ସମନ୍ୱିତ ରୋଗ ପୋକ ପରିଚାଳନା :**

**ପ୍ରାରମ୍ଭିକ ଅବସ୍ଥା (ବୁଣିବା ପରବର୍ତ୍ତୀ ଅବସ୍ଥା)**

**କାଣ୍ଡସଢ଼ା ଓ ମୂଳସଢ଼ା ରୋଗ :** ଏହି ରୋଗରେ ମୂଳ ପାଖରେ ଗଛ ସଂକ୍ରମିତ ହୋଇ ହଠାତ୍ ଝାଉଁଳା ରୋଗ ଦେଖାଯାଏ । ଏହି ସଢ଼ା ଅଂଶ କଳା ପଡ଼ିଯାଏ ଓ ଗଛ ଭାଙ୍ଗି ମରିଯାଏ । ସେଥିପାଇଁ ବିହନ ବିଶୋଧନ ଦରକାର । କପର ଅକ୍ସିକ୍ଲୋରାଇଡ୍ ୦.୨୫%) ବା ମାଙ୍କୋଜେବ (୦.୪୦%)କୁ ସିଞ୍ଚନ କଲେ ଏହି ରୋଗ ଦମନ ହୋଇଥାଏ ।

**ପାଉଁଶିଆ ରୋଗ :** ଧଳା ଦାଗ ପତ୍ରରେ ଦେଖାଯାଏ ଓ ପତ୍ର ଅସମୟରେ ଝଡ଼ିପଡ଼େ । ଏହି ରୋଗର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ ସଲଫେକ୍ସ ମିଶାଇ ପତ୍ର ସିଞ୍ଚନ କରାଯାଏ ।

**ପତ୍ର ଭକୁଣୀ ପୋକ :** ପତ୍ର ଭକୁଣୀ 'ମା' ପୋକ ପତ୍ରରେ ଅନେକ ସଂଖ୍ୟାରେ ଅଣ୍ଡା ଦେଇଥାଏ । ସେଥିରୁ ଅର୍ଭକ ବାହାରି ପତ୍ରରୁ ରସ ଶୋଷି ଗଛକୁ ଦୁର୍ବଳ କରି ଥାଆନ୍ତି, ପତ୍ର ଗୁଡ଼ିକ ରୁଗୁଡ଼ିଆ ଦେଖାଯାଏ । ଗଛ ଦୁର୍ବଳ ହୋଇ ଭଲ ବଢ଼େ ନାହିଁ ଓ ଅମଳ କମିଯାଏ । ଏହାର ବିନାଶ ପାଇଁ ଇମିଡ଼ା କ୍ଲୋରପ୍ରିଡ଼ ୪ ଲିଟର ପାଣିରେ ୧ ମି.ଲି. ମିଶାଇ ସିଞ୍ଚନ କଲେ ସୁଫଳ ମିଳିଥାଏ ।

**ଫୁଲ ଓ ପରବର୍ତ୍ତୀ ଅବସ୍ଥା :**

**ପତ୍ରଦାଗ ରୋଗ :** ପତ୍ର କଳା ଦାଗ ହୋଇ କଳା ଗୁଣ୍ଡ ଝଡ଼େ ଓ ସଂକ୍ରମିତ ପତ୍ର ଗୁଡ଼ିକ ଝଡ଼ିଯାଏ । ଡ଼ିଥେନ୍ ଏମ୍-୪୫ (ଏଣ୍ଡୋଫିଲ) ୦.୨% (୧ ଲିଟର ପାଣିରେ ୨ ମି.ଲି.) ଦ୍ରବଣକୁ ପ୍ରତି ୧୫ ଦିନରେ ସିଞ୍ଚନ କଲେ ଏହା ନିରାକରଣ ହୁଏ ।

**ଝାଟୁଆ ରୋଗ :** ଏହି ରୋଗ ହେଲେ ଫୁଲ ଓ କଷି ହେବା ସ୍ଥାନରେ ଛୋଟ ଛୋଟ ପତ୍ର ଭଳି ଅଂଶ ବାହାରିଥାଏ ଓ ଫଳ ଧରେ ନାହିଁ କିମ୍ବା ଫଳରେ ଭଲ ମଞ୍ଜି ରହେ ନାହିଁ । ଏହାର ନିରାକରଣ ପାଇଁ ରୋଗାକ୍ରାନ୍ତ ଗଛକୁ ଉପାଡ଼ି ଦୂରରେ ଫୋପାଡ଼ି ଦିଆଯାଏ । ସାଧାରଣତଃ ଡ଼େରିରେ ବୁଣିଲେ ଏହି ରୋଗ ଦେଖାଦିଏ । କେବଳ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସଂପୃକ୍ତ ରୋଗାକ୍ରାନ୍ତ ଗଛରୁ ମଞ୍ଜି ରଖିବା ଉଚିତ୍ ନୁହେଁ ।

**ଝାଉଁଳା ରୋଗ :** ଏହି ରୋଗ ହେଲେ ତଳ ପତ୍ର ପ୍ରଥମେ ହଳଦିଆ ପଡ଼ିଯାଏ ଓ ଝଡ଼ିପଡ଼େ । ପତ୍ରଗୁଡ଼ିକ ଭିତର ପଟକୁ ମୋଡ଼ି ହୋଇ ଶୁଖିଯାଏ । ଅଧିକ ଆକ୍ରାନ୍ତ ଗଛର ପତ୍ର ଝଡ଼ି ପଡ଼େ ଓ ପରେ ଗଛଟି ଶୁଖିଯାଏ । ବେଳେବେଳେ ଚେର ସଢ଼ିଯାଏ । ଏହି ରୋଗର ପ୍ରତିକାର ପାଇଁ ବିହନ ବିଶୋଧନ କରି ବୁଣିବା ଆବଶ୍ୟକ କିମ୍ବା ଫସଲ ଅମଳ ପରେ ଶୁଖିଲା ପତ୍ର ସବୁ ସଫା କରିବା ଆବଶ୍ୟକ ।

**ପୁଡ଼ା ମାଛି :** ଗଛର ପତ୍ର, ଫୁଲ ଓ କଷିରୁ ରସ ଶୋଷି ନେଇଥାଆନ୍ତି, ଫଳରେ ଫୁଲ ପୁଡ଼ା ହୋଇଯାଏ । ଏଥିପାଇଁ ଫସଲର ଆକ୍ରାନ୍ତ ଅଂଶ ଗୁଡ଼ିକୁ ଛିଣ୍ଡାଇ ନଷ୍ଟ କରିଦିଆଯାଏ । ଫସଲର କ୍ଷତି ଆର୍ଥିକ ଦୋହଲୀ ସୀମା (୧୦%) ଅତିକ୍ରମ କଲେ ମେଟାସିଷ୍ଟକସ୍ ୨ ମି.ଲି. ୧ ଲିଟର ପାଣିରେ ବା ଇମିଡ଼ାକ୍ଲୋପିଡ୍ ୨.୫ ମି.ଲି. ୧୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରାଯାଏ ।

**ଡାହାଣୀ ପୋକ :** ପତ୍ର ମୋଟା ହୋଇ ଝଡ଼ିପଡ଼େ । ଏହି ପୋକ ମଧ ରାଶିର ଛୋଟ ପତ୍ର ବା ଅଣ୍ଡିରା ରୋଗର ବାହକ ରୂପେ କାର୍ଯ୍ୟ କରିଥାଏ । ଯବକ୍ଷାରଜାନ ସାର ଅର୍ଦ୍ଧେକ ମୂଳ ସାର ରୂପେ ଓ ବାକି ଅର୍ଦ୍ଧେକ ଫୁଲ କଷି ହେବା ପୂର୍ବରୁ ପ୍ରୟୋଗ କରାଯାଏ ।

***ଫଳ ଧରିବା ଓ ପାକଳ ଅବସ୍ଥା :***

**ପତ୍ରପୋଡ଼ା ରୋଗ :** ଗଛର ପତ୍ରରେ ଛୋଟ ଛୋଟ ମାଟିଆ ରଙ୍ଗର ଦାଗ ଦେଖାଯାଏ ଓ ପରେ ତାହା ପତ୍ର ପୋଡ଼ିଯିବା ପରି ଦେଖାଯାଏ ଓ ପତ୍ର ଝଡ଼ିଯାଏ । ଏହାର ପ୍ରତିକାର ପାଇଁ ପ୍ରତି ୧୫ ଦିନରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ୧ ଗ୍ରାମ ମିଶାଇ ସିଞ୍ଚନ କରାଯାଏ ।

**ପତ୍ରଛନ୍ଦା ଓ ଫଳ ବିନ୍ଧା ପୋକ :** ଗଛର ପତ୍ର ଓ ଫୁଲକୁ ଖାଇଥାନ୍ତି ଓ ଫଳକୁ କଣା କରି

ମଞ୍ଜିଗୁଡ଼ିକୁ ମଧ୍ୟ ଖାଇ ଯାଆନ୍ତି, ଏହାର ଦମନ ପାଇଁ ୨ ମି.ଲି. କୁଇନାଲଫସ୍ କିମ୍ବା କାରବାରିଲ୍ ସେଚିତ ଗୁଣ୍ଡ ୪ ଗ୍ରାମ ମିଶାଇ ସିଞ୍ଚନ କରାଯାଏ । ପ୍ରତି ୧୦ ରୁ ୧୫ ଦିନ ବ୍ୟବଧାନରେ ନିମ୍ବଜାତୀୟ ଔଷଧ ହେକ୍ଟର ପ୍ରତି ୨-୨.୫ ଲିଟର ପ୍ରୟୋଗ କରାଯାଏ ।

**ବିହାରୀ ସଂବାଳୁଆ :** ପତ୍ର, କଢ଼ ଓ ଫୁଲକୁ ଖାଇଯାଆନ୍ତି, ପରେ ଏଗୁଡ଼ିକ ଚାରିଆଡ଼କୁ ମାଡ଼ିଯାଇ ଗଛ ଗୁଡ଼ିକୁ ଲଣ୍ଡା କରିଦିଅନ୍ତି, ଏହାର ଦମନ ପାଇଁ ନୁଭାନ୍ ଲିଟର ପ୍ରତି ୨ ମି.ଲି. ଗୋଳାଇ ସିଞ୍ଚନ କରାଯାଏ ।

**ଅମଳ :** କିସମ ଅନୁଯାୟୀ ବିହନ ବୁଣିବାର ୭୦ ରୁ ୮୦ ଦିନ ମଧ୍ୟରେ ରାଶି ଅମଳ ହୋଇଥାଏ । ରାଶି ଛୁଇଁ ପାକଳ ହେଲେ ଗଛ ପତ୍ର ପାଚି ଝଡ଼ିପଡ଼େ । କିନ୍ତୁ ଛୁଇଁ ସାମାନ୍ୟ ସାଗୁଆ ଥାଏ । ଏହି ସମୟରେ ରାଶି ଗଛକୁ କାଟି ଅମଳ କରାଯାଏ । ଗଛ ହଳଦିଆ ହେବା ପରଠାରୁ ସପ୍ତାହ ମଧ୍ୟରେ ଛୁଇଁ ସବୁ ଫାଟି ଯାଇ ମଞ୍ଜି ଝଡ଼ିପଡ଼େ । ତେଣୁ କୌଣସି ପରିସ୍ଥିତିରେ ଫଳକୁ ଗଛରେ ବା ଜମିରେ ଶୁଖାଇବାକୁ ନ ଦେଇ କାଟିଆଣି ତାକୁ ଘରେ ପ୍ରାୟ ସପ୍ତାହେ ରଖି ପତ୍ର ଝଡ଼ିବା ଉଚିତ୍ । ପତ୍ର ଝଡ଼ିବାବେଳେ କାଣ୍ଡର କଟା ଅଂଶ ତଳକୁ ଓ ଅଗ ଉପରକୁ ରଖିଲେ ସେହି ସମୟରେ ରାଶି ଝଡ଼ି ନଷ୍ଟ ହେବାର ସମ୍ଭାବନା କମ୍ ଥାଏ । ସିମେଣ୍ଟ ଚଟାଣ କିମ୍ବା ପରିଷ୍କାର ମାଟି ଖଳାରେ ପଲିଥିନ୍ ଦ୍ୱାରା ରାଶି ଅମଳ କରିବା ଦ୍ୱାରା ମଞ୍ଜିର ଉଜ୍ଜଳତା ନଷ୍ଟ ହୁଏ ନାହିଁ । ସାଧାରଣତଃ ବର୍ଷାଦିନେ ହେକ୍ଟର ପିଛା ୫ କ୍ୱିଣ୍ଟାଲ ଓ ଶୀତ କିମ୍ବା ଖରାଦିନିଆ ରାଶିରୁ ଯଥାକ୍ରମେ ୮ ଓ ୧୦ କ୍ୱିଣ୍ଟାଲ ଅମଳ ମିଳିଥାଏ ।

**ଅମଳ ପରବର୍ତ୍ତୀ ସାଇତା :**

ମଞ୍ଜିକୁ ଉଡ଼ାଇ ସଫା କରି ଖରାରେ ଶୁଖାଇ, ଶତକଡ଼ା ୮-୧୦ ଜଳୀୟ ଅଂଶ ଥିବା ସମୟରେ ସାଇତି ରଖାଯାଏ । ବିହନ ବସ୍ତାରେ ନିମ୍ବପତ୍ର ରଖି ସଂରକ୍ଷଣ କଲେ ପୋକ ଆକ୍ରମଣ କମ୍ ହୁଏ । ପ୍ରତି ଏକ କି.ଗ୍ରା. ବିହନକୁ ୩ ମି.ଲି. ଶୋରିଷ ତେଲ କିମ୍ବା ୨ ଗ୍ରାମ ହଳଦୀ ଗୁଣ୍ଡ ମିଶାଇ ରଖିଲେ ପୋକ ଦାଉରୁ ରକ୍ଷା ମିଳିଥାଏ । ପ୍ରତି ଲିଟର ପାଣିରେ ୧୦ ମି.ଲି. ମାଲାଥିଅନ ଦ୍ୱାରା ବିଶୋଧିତ ବ୍ୟାଗ୍‌ରେ ରାଶି ବିହନକୁ ସାଇତି ରଖାଯାଏ ।

**ଅନ୍ତଃ ଫସଲ ଚାଷ**

ରାଶିକୁ ଏକାକୀ ଚାଷ କରିବା ପରିବର୍ତ୍ତେ ଯଦି ଅନ୍ତଃ ଫସଲ ଚାଷ କଲେ ଅଧିକ ଲାଭଜନକ ହୋଇଥାଏ । ରାଶି ସହିତ ହରଡ଼ (୪:୨), ରାଶି ସହିତ ଚିନାବାଦାମ (୧:୪) ଓ ରାଶି ସହିତ ଆଖୁ (୧:୧) ଅନ୍ତଃ ଫସଲ ଚାଷ କରାଯାଇ ପାରିବ ।

**ରାଶି ବିହନ ଉତ୍ପାଦନ :**

ରାଶି ଫସଲ ଅଳ୍ପ ପରିଶ୍ରମରେ ହୋଇ ପାରୁଥିବା ଏକ ତୈଳବୀଜ ଫସଲ । ଏହି ଚାଷ ବର୍ଷସାରା ହେଉଥିବାରୁ ଓ ଓଡ଼ିଶାର ପ୍ରାୟ ଅଞ୍ଚଳରେ ଚାଷ ହେଉଥିବାରୁ ବିହନ ଉତ୍ପାଦନର ଚାହିଦା ଅଧିକ ଆବଶ୍ୟକ । ରାଶି ଉତ୍ପାଦନ ଓ ଏକର ପ୍ରତି ଅମଳ ହାର ବୃଦ୍ଧି କରିବାକୁ ହେଲେ ଉନ୍ନତ ପ୍ରାମାଣିକ ବିହନ ବ୍ୟବହାର ଆବଶ୍ୟକ । ପ୍ରାମାଣିକ ରାଶି ବିହନ ପିଣ୍ଡ ବିହନ ଚାଷରୁ ମିଳିଥାଏ ଏବଂ ପିଣ୍ଡ ବିହନ ଅଭିଜନକ ବିହନରୁ ଉତ୍ପାଦିତ ହୋଇଥାଏ ।

## କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ରାଶି ଫସଲ ଚାଷ ଉନ୍ନତି ପାଇଁ ନିଆ ଯାଇଥିବା ପଦକ୍ଷେପ :

ରାଶି ଅନୁଗୋଳ ଜିଲ୍ଲାର ଆୟତନ ଦୃଷ୍ଟିରୁ ଏକ ଅଗ୍ରଣୀ ଫସଲ ହୋଇଥିବାରୁ ଏହାର ଉତ୍ପାଦନ ବୃଦ୍ଧି ପାଇଁ ଏବଂ ଉନ୍ନତ ଜ୍ଞାନକୌଶଳ ଚାଷୀଙ୍କ ନିକଟରେ ପହଞ୍ଚିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଛି ।

- ରାଶି ଫସଲରେ ଗନ୍ଧକ ସାର ପ୍ରୟୋଗର ଏକ କ୍ଷେତ୍ର ପରୀକ୍ଷଣ କରାଯାଇଛି ।
- ରାଶି ଫସଲରେ ମୁଖ୍ୟ ଅନିଷ୍ଟକାରୀ ପୋକ ପତ୍ରଛନ୍ଦା ଓ ଫଳବିନ୍ଧା ପୋକର ଦମନ ପାଇଁ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଛି ।
- ଅଧିକ ଅମଳକ୍ଷମ ରାଶି କିସମ କାଳିକା, ନିର୍ମଳା ଓ ଉମାର ଚାଷୀ ଜମିରେ କ୍ଷେତ୍ର ପ୍ରଦର୍ଶନ କରାଯାଇଛି ।
- ରାଶି ପ୍ରାମାଣିକ ବିହନ ଉତ୍ପାଦନ ପାଇଁ ଗ୍ରାମୀଣ ଯୁବକ ଓ ଯୁବତୀଙ୍କୁ ଏକ ତାଲିମ କାର୍ଯ୍ୟକ୍ରମ କରାଯାଇଛି ।
- ରାଶି ଫସଲର ଉନ୍ନତ ଚାଷ କୌଶଳ ଓ ରୋଗ ପୋକ ପରିଚାଳନ ଉପରେ ବିଭିନ୍ନ କୃଷକ ତାଲିମ କାର୍ଯ୍ୟକ୍ରମ କରାଯାଇଛି ।
- କୃଷି ବିଜ୍ଞାନ କେନ୍ଦ୍ର ଫାର୍ମରେ ବିଭିନ୍ନ ଋତୁରେ ପିଣ୍ଡ ଓ ପ୍ରାମାଣିକ ବିହନ ଉତ୍ପାଦନ କରି ଚାଷୀ ଭାଇମାନଙ୍କୁ ନିର୍ଦ୍ଧାରିତ ଦରରେ ଯୋଗାଇ ଦିଆଯାଇଅଛି ।

ସାରଣୀ-୪

## ରାଶି ଚାଷ ଖର୍ଚ୍ଚ (ହେକ୍ଟର ପ୍ରତି)

| କ୍ର.ନଂ. | ଉପାଦାନ | ପରିମାଣ | ମୂଲ୍ୟହାର (ଟଙ୍କା) | ମୋଟ୍ ଟଙ୍କା |
|---|---|---|---|---|
| (କ) | ମଜୁରୀ | | | |
| ୧. | ଜମି ପ୍ରସ୍ତୁତି (ଟ୍ରାକ୍ଟର ଦ୍ୱାରା) | ୮ ଘଣ୍ଟା | ୪୫୦ | ୩,୬୦୦ |
| ୨. | ବଳଦ ଦ୍ୱାରା ଅମଳ | ୩ ଯୋଡ଼ା | ୧୫୦ | ୪୫୦ |
| ୩. | ମୋଟ୍ ମଜୁରୀ ଖର୍ଚ୍ଚ | ୧୦୦ ଟା | ୧୨୬ | ୧୨,୬୦୦ |
| | | **ମୋଟ୍ ମଜୁରୀ ଖର୍ଚ୍ଚ** | | **୧୬,୬୫୦** |
| (ଖ) | ଉପାଦାନ | | | |
| ୧. | ବିହନ | ୧୦ କି.ଗ୍ରା. | ୪୦ | ୪୦୦ |
| ୨. | ଖତ | ୫ ଟନ୍ | ୧୦୦୦ | ୫,୦୦୦ |
| ୩. | ରାସାୟନିକ ସାର (୩୦:୧୫:୧୫) କି.ଗ୍ରା. ଏନ୍.ପି.କେ. | | | |
| | ୟୁରିଆ | ୬୫ କି.ଗ୍ରା. | ୫.୬୮ | ୩୬୯ |
| | ଡି.ଏ.ପି. | ୩୨ କି.ଗ୍ରା. | ୨୩.୬୨ | ୭୫୬ |
| | ଏମ୍.ଓ.ପି. | ୨୫ କି.ଗ୍ରା. | ୧୭.୬୪ | ୪୪୧ |
| | | | ମୋଟ୍ | ୧,୫୬୬ |
| ୪. | କୀଟନାଶକ ଔଷଧ | ୨ ଥର | ୫୦୦ | ୧,୦୦୦ |
| ୫. | ତୃଣନାଶକ ଔଷଧ | ୨ ଲିଟର | ୪୦୦ | ୮୦୦ |
| ୬. | ଜଳସେଚନ | ୨ଟା | ୩୦୦ | ୬୦୦ |
| | | **ମୋଟ୍ ଉପାଦାନ ଖର୍ଚ୍ଚ** | | **୯,୩୬୬** |
| | ଅନ୍ୟାନ୍ୟ ଖର୍ଚ୍ଚ (କ+ଖ ର ୧୦%) | | | ୨,୬୦୨ |
| | | **ସମୁଦାୟ ଚାଷ ଖର୍ଚ୍ଚ** | | **୨୮,୬୧୮** |
| (ଗ) | ଉତ୍ପାଦିତ ଦ୍ରବ୍ୟ ମୂଲ୍ୟ | | | |
| | ବିହନ | ୧୦ କ୍ୱିଣ୍ଟାଲ | ୪୨୦୦ | ୪୨,୦୦୦ |
| | ନେଟ୍ ଲାଭ | | | ୧୩,୩୮୨ |
| | ଲାଭ ଖର୍ଚ୍ଚ ଅନୁପାତ | | | ୧.୪୭ |

-xxx-


କାଣ୍ଡ ଓ ମୂଳସଢ଼ା ରୋଗ


ଝାଟୁଆ ରୋଗ


ପତ୍ରପୋଡ଼ା ରୋଗ


ପତ୍ର ଉକୁଣୀ


ପୁଢ଼ା ମାଛି


ପତ୍ରଛନ୍ଦା ଓ ଫଳ ବିନ୍ଧା ପୋକ














ଯୋଗାଯୋଗ :

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

ସ୍ଥାନ: ପଞ୍ଚମହଲା, ପୋ: ହୁଲୁରିସିଂହା, ଜିଲ୍ଲା: ଅନୁଗୋଳ-୭୫୯୧୩୨, ଓଡ଼ିଶା

ଦୂରଭାଷ : ୦୬୭୬୪-୨୧୧୯୫୭